ସକାଳ THE SAKALA



www.sakalaepaper.com

# ଦେଓଗାଁ ଚିନିକଳ କାର୍ଯ୍ୟକ୍ଷମ ଆଶା ମଉଳିଲା

ବଲାଙ୍ଗିର,୨୫।୪(ସମିସ): ବଲାଙ୍ଗିର ଜିଲ୍ଲାରେ ନୂତନ ଚିନିକଳ ପ୍ରତିଷ୍ଠା ହେବା ନେଇ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘୋଷଣା ପରେ ଦେଓଗାଁ ବିଜୟାନନ୍ଦ ଚିନିକଳ ପୁନଃ କାର୍ଯ୍ୟକ୍ଷମ ହେବା ନେଇ ରହିଥିବା ଆଶା ଏବେ ଆଶାରେ ହିଁ ରହିଯାଇଛି। ତେବେ ଯଦି ଦେଓଗାଁ ଚିନିକଳ ଆଉ ଖୋଲିବାର କୌଣସି ଯୋଜନା ନାହିଁ ତେବେ ନୂତନ ଚିନିକଳ ଜିଲ୍ଲାର

■ ପୁରୁଣା କର୍ମଚାରୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଲା କର୍ମଚାରୀ ସଂଘ
■ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପୁନଃ ବିଚାର ପାଇଁ କର୍ମଚାରୀ ସଂଘ ପକ୍ଷରୁ ଅନୁରୋଧ

କେଉଁ ସ୍ଥାନରେ ହେବ ତାହା ପ୍ରଶ୍ନ ଉଠିଛି। ଦେଓଗାଁରେ କାର୍ଯ୍ୟ କରିଥିବା ୩ ଶହ କର୍ମଚାରୀଙ୍କ ଭବିଷ୍ୟତ କ'ଣ ହେବ ତାହା ଆଉ ଏକ ପ୍ରଶ୍ନ। ବନ୍ଦ ହେବା ସମୟରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରର ୩ ଶହ କର୍ମଚାରୀ ରହିଥିଲେ; ଯେଉଁଥିରେ ହି ଚିନିକଳ ନିର୍ମାଣ ହେବା ସମୟରେ ନିଜ ଜମି ହରାଇଥିବା ଲୋକ ମଧ୍ୟ ରହିଛନ୍ତି। ଅନେକ ଜୀବିତ ଅଛନ୍ତି। କିଛି କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ତ୍ୟାଗ, ବଳିଦାନ ବା ଭବିଷ୍ୟତ କ'ଣ ହେବ ତାହା ସବୁଠାରୁ ବଡ ପ୍ରଶ୍ନ। ତେବେ ନୂତନ ଚିନିକଳ ପରିବର୍ତ୍ତେ ଦେଓଗାଁ ଚିନିକଳକୁ ଆଉ ଥରେ ଆରମ୍ଭ କରିବା ଦିଗରେ ସରକାର ପୁନଃବିଚାର କରିବାକୁ ବିଜୟାନନ୍ଦ ସମବାୟ ଚିନିକଳ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି। କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା କିଛି ଦିନ ପୂର୍ବରୁ ଓଡିଶା ଗସ୍ତରେ ଆସିଥିବା ବେଳେ ରାଜ୍ୟରେ ପଟି ଚିନିକଳ ପ୍ରତିଷ୍ଠା ନେଇ ସୂଚନା ଦେଇଥିଲେ। ଗୋଟିଏ ବଡମ୍ବାରେ ହେବାକୁ ଥିବା ବେଳେ ଆଉ ଗୋଟିଏ ବଲାଙ୍ଗିରରେ ହେବ ବୋଲି ମୁଖ୍ୟମନ୍ତ୍ରୀ ଶୁକ୍ରବାର ବଲାଙ୍ଗିର ଗସ୍ତରେ ଆସିଥିବା ବେଳେ ଘୋଷଣା କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀଙ୍କ କହିବା ଅନୁସାରେ ଜିଲ୍ଲାରେ ନୂତନ ଚିନିକଳ ପ୍ରତିଷ୍ଠା ହେବ। ପୁରାତନ ବିଜୟାନନ୍ଦ ଚିନିକଳ ନ୍ୟାୟିକ ବିବାଦରେ ଫସିଥିବାରୁ ତାକୁ ଆଉ ଥରେ ଆରମ୍ଭ କରିବା ସମ୍ଭବ ନୁହେଁ ବୋଲି କହିବା ପରେ ଏହାକୁ ନେଇ



ତର୍କବିତର୍କ ଆରମ୍ଭ ହୋଇଛି। ଦେଓଗାଁ ସାଗରପାଲିଠାରେ ୧୯୯୩ ରେ ତାମିଲନାଡୁର ଏକ କମ୍ପାନୀ ପୋନ୍ନି ସୁଗର ଓ କେମିକାଲ ଲିମିଟେଡ ଚିନିକଳ ଆରମ୍ଭ କରିଥିଲା। ଏହି ଚିନିକଳ କ୍ଷମତା ଦିନକୁ ୨୫ଶହ ମେଟ୍ରିକ ଟନ୍ ଆଖୁ ପ୍ରୋସେସିଂ କରିପାରୁଥିଲା। ବହୁ ପରିମାଣର ଋଣ ଭାର ଯୋଗୁଁ ୨୦୦୦ ମସିହାରେ ଏହା ବନ୍ଦ ହୋଇଥିଲା। ବନ୍ଦ ହେବା ସମୟରେ ଏହି କ୍ଷମତା ୧ ଲକ୍ଷ ୬୦ ହଜାର ମେଟ୍ରିକ ଟନ୍ ରହିଥିଲା। ୨୦୦୫ରେ ଏହି ଚିନିକଳକୁ ବ୍ୟାଙ୍କ ବିଜୟାନନ୍ଦ ଚିନିକଳକୁ ବିକ୍ରି କରିଦେଇଥିଲା। ସେହି ସମୟରେ ଜିଲ୍ଲାର ପ୍ରାୟ ୧୫ ହଜାର ଚାଷୀ ଆଖୁଚାଷ କରି ଲାଭବାନ ହେଉଥିଲେ। ୨୦୦୫ରୁ ୨୦୧୩ ଏହି ଚିନିକଳ ପୁଣିଥରେ ଚାଲିଥିଲା। ୨୦୧୩ରେ ରାଜ୍ୟ ସରକାର ସମବାୟ ସଂସ୍ଥାକୁ ଉଚ୍ଛେଦ କରିଦେଇ କମ୍ପାନୀକୁ ସମବାୟ ବିଭାଗ ନିଜ ଅଧୀନକୁ ନେଇଥିଲା। ପରିଚାଳନା ଗତ ସମସ୍ୟା ଯୋଗୁଁ ୨୦୦୩ରୁ ୨୦୧୫ ମଧ୍ୟରେ ଏହି ଚିନିକଳ ଋଣଭାର ୪୨ କୋଟିରେ ପହଞ୍ଚିଥିଲା। ହଠାତ ୨୦୧୩ ଜୁଲାଇରେ ଆଖୁ ପ୍ରୋସେସିଂ କାମ ସାରିବା ପରେ ସବୁକିଛି ବକେୟା ଛାଡି ପରିଚାଳନା ସଂସ୍ଥା ଚିନିକଳକୁ ଛାଡି ଦେଇଥିଲେ। ଏହା ପରେ ଅନେକ ଦାବି ପ୍ରତିବାଦ ପରେ ରାଜ୍ୟ ସରକାର ୨୦୧୩-୧୪ ଆର୍ଥିକ ବର୍ଷରେ ବରଗଡ ଚିନିକଳର୧୨ କୋଟି ଟଙ୍କାର ଆର୍ଥିକ ସହାୟତାରେ ଏହା ଗୋଟିଏ ବର୍ଷ ପାଇଁ କାର୍ଯ୍ୟକ୍ଷମ କରାଯାଇଥିଲା। ୨୦୧୪ ଏପ୍ରିଲରୁ ଏହି ଚିନିକଳ ଆଜି ପର୍ଯ୍ୟନ୍ତ ବନ୍ଦ ହୋଇପଡିଛି। ୧୦୮ ଏକର ଜମିରେ ଏହି ଚିନିକଳ ରହିଥିବା ବେଳେ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ଦଳ, ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଅନେକ ଥର ବିଶେଷଜ୍ଞ ଦଳ ମଧ୍ୟ ବୁଲିଆସିଛନ୍ତି। ଏହାଫଳରେ ଆଖୁଚାଷୀ ତଥା ଚିନିକଳରେ କାର୍ଯ୍ୟ କରିଥିବା ପୁରାତନ କର୍ମଚାରୀ ଏବେ ବି ଆଶାବାଦୀ ରହିଛନ୍ତି; କିନ୍ତୁ ହଠାତ ନୂତନ ଚିନିକଳ ପ୍ରତିଷ୍ଠା ଘୋଷଣା ହେବା ପରେ ଅନେକ ପ୍ରଶ୍ନ ଛିଡା ହୋଇଛି। ଏହାକୁ ପ୍ରତିଷ୍ଠା କରିବା ପାଇଁ କେଉଁଠି ଏତେ ପରିମାଣର ଜମି ବ୍ୟବସ୍ଥା କରାଯିବ ସେ ପ୍ରଶ୍ନ ଉଠିଛି। ଦେଓଗାଁ ବ୍ଲକ ତଥା ଆଖପାଖ ବ୍ଲକରେ ଅଧିକ ପରିମାଣର ଆଖୁଚାଷୀ ରହିଥିବାରୁ ଦେଓଗାଁରେ ହିଁ ଚିନିକଳ ଆରମ୍ଭ ହୋଇଥିଲା। ଏବେ ଯଦି ନୂଆ ଚିନି କଳ ହେବ ତେବେ କେଉଁ ସ୍ଥାନରେ ହେବ, ଯେଉଁମାନେ ଏଥିପାଇଁ ନିଜ ଜମି ଦେବା ସହ ଚିନିକଳରେ କାମ କରୁଥିଲେ ସେମାନେ ଏବେ କ'ଣ କରିବେ ଏମିତି ପ୍ରଶ୍ନ ଉଠିଛି। ଅବଶ୍ୟ ଏମାନେ ପୁଣିଥରେ ନିୟୋଜିତ ହେବାର ଆଶା ବାନ୍ଧି ରଖିଛନ୍ତି। ସେମାନଙ୍କ ଭବିଷ୍ୟତକୁ ନେଇ ବିଜୟାନନ୍ଦ ସମବାୟ ଚିନିକଳ କର୍ମଚାରୀ ସଂଘ ପ୍ରଶ୍ନ ଉଠାଇଛି। ଶନିବାର ସକାଳୁ ବଲାଙ୍ଗିର ସର୍କିଟ ହାଉସରେ ସଂଘ ପକ୍ଷରୁ ସୁବଳ ଚରଣ ରଣା ଓ ମୈତ୍ରଭାନୁ ବାରିକ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବା ସହ ଏହାର ପୁର୍ନବିଚାର କରିବାକୁ ଅନୁରୋଧ କରିଛନ୍ତି।

# ସରକାରଙ୍କ ଉପରେ ବର୍ଷିଲେ ନରସିଂହ

ଦେଓଗାଁ,୨୫।୪(ସମିସ): ପଞ୍ଚାୟତିରାଜ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ ବଲାଙ୍ଗିର ଗସ୍ତରେ ଆସିଥିଲେ। ତେବେ ତାଙ୍କ ଗସ୍ତ ପୂର୍ବରୁ ଦେଓଗାଁରେ କେବଳ କଂଗ୍ରେସ କର୍ମୀଙ୍କୁ ଥାନାକୁ ନେଇ ପୁଲିସ ଅଟକ ରଖିଥିଲା। ଏହାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ବର୍ଷିଛନ୍ତି। ଦେଓଗାଁରେ ଶନିବାର ପୂର୍ବାହ୍ନରେ ଆୟୋଜିକ ଏକ ସାମ୍ବାଦିକ ସମ୍ମିଳନୀରେ ସେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କଂଗ୍ରେସ କର୍ମୀଙ୍କୁ କାହିଁକି ଗିରଫ କରାଗଲା ବୋଲି



ପ୍ରଶ୍ନ କରି ସେ ଏହା ଅଗଣତାନ୍ତ୍ରିକ ବୋଲି କହିଥିଲେ। ଏଠାରେ ସରକାର ଗଣତନ୍ତ୍ରକୁ ହତ୍ୟା କରିଛନ୍ତି ବୋଲି ସେ ଦର୍ଶାଇଛନ୍ତି। ଏହି ଗସ୍ତ ସମୟରେ ସରକାର ଯେଉଁ ସବୁ ବିକାଶର ଗାଥା ଗାଇଛନ୍ତି ଓ ପ୍ରତିଶ୍ରୁତି ଦେଇଛନ୍ତି ତାହା ଯେମିତି ମିଛ ପ୍ରମାଣିତ ନ ହେଉ ବୋଲି କହିଛନ୍ତି। ଲୋକଙ୍କୁ ବାରମ୍ବାର ଠକିଲେ ଲୋକେ କ୍ଷମା କରିବେନି ବୋଲି ସେ କହିଥିଲେ। ବେକାରୀ ଯୁବକ ଯୁବତୀଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦେବାପାଇଁ ଦେଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନି। ରାଜ୍ୟରେ ଜଳ ସଂକଟ ଦୂର ହୋଇପାରୁନାହିଁ। ଆଇନ ଶୃଙ୍ଖଳା ଦିନକୁ ଦିନ ବିଗିଡିବାରେ ଲାଗିଛି। ଅରାଜକତା ବଢ଼ି ଚାଲିଛି। ନାରୀ ନିଜକୁ ସୁରକ୍ଷିତ ମଣୁନି। ନିଶା କାରବାର ବୃଦ୍ଧି ପାଇଛି। ଖଣି ଖାଦାନ ଲୁଟ୍ ହେଉଛି। ଚାଷୀ ଠିକ୍ ସମୟରେ ନିଜ କଷ୍ଟ ଉପାର୍ଜିତ ଫସଲ ବିକ୍ରି କରିପାରୁନାହିଁ। ଏଣୁ ରାଜ୍ୟ ସରକାର କେବଳ ଧୂଆଁବାଣ ଛଡା କୌଣସି ସମସ୍ୟାର ସମାଧାନ କରିପାରୁନାହାନ୍ତି କହିବା ସହ ନରସିଂହ କ୍ଷୋଭ ପ୍ରକାଶ କରିଛନ୍ତି। ଦେଓଗାଁରେ ଜିଲ୍ଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଚିନିକଳ ବନ୍ଦ ରହିଛି। ତାହାର ପୁନଃଉଦ୍ଧାର କରିବା ପାଇଁ ଜିଲ୍ଲାବାସୀଙ୍କ ତରଫରୁ ଦାବି ହୋଇଆସୁଛି। ମୁଖ୍ୟମନ୍ତ୍ରୀ ଚିନିକଳ ଚାଲୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଜିଲ୍ଲାରେ ନୂତନ ଚିନିକଳ ଖୋଲିବା କଥା କହିଥିଲେ। ତେବେ ଚିନିକଳ ଖୋଲିବା ପାଇଁ କ୍ୟାବିନେଟ ମଞ୍ଜୁର ହୋଇ ନ ଥିବାରୁ ତାହା କେତେଦୂର ଠିକ ଏକ ବିରାଟ ପ୍ରଶ୍ନ ସୃଷ୍ଟି କରିଛି ବୋଲି ନରସିଂହ ମିଶ୍ର କହିଛନ୍ତି। ଅନ୍ୟପଟେ ଦେଓଗାଁ ବ୍ଲକର ସିକୁଆଁଠାରେ ସୋନଗଡ ନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ପ୍ରଶାସନିକ ମଞ୍ଜୁରୀ ସହ ଅର୍ଥ ମଞ୍ଜୁର ହୋଇସାରିଛି। ଏହା ସତ୍ତ୍ୱେ କାମ ଆରମ୍ଭ ନ କରିବା ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି। ଚଳିତ ବର୍ଷ ଗ୍ରୀଷ୍ମରେ ଚାରିଆଡେ ପାନୀୟଜଳ ସଂକଟ ଦେଖା ଦେଇଛି। ପିଇବା ପାଣି ପାଇଁ ପ୍ରାୟତଃ ଗାଁଗଣ୍ଡାରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏହାର ସମାଧାନ ହୋଇପାରୁନାହିଁ। ଏଥିପାଇଁ ସେ ସର୍କିଟ ହାଉସରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସୋନଗଡ ନଦୀରେ ଅତି କମ୍‌ରେ ୩ଟି ବ୍ୟାରେଜ ନିର୍ମାଣ କରାଗଲେ ଦେଓଗାଁ ବ୍ଲକର ପଶ୍ଚିମାଞ୍ଚଳର ଅନେକ ଗାଁ ଜଳସେଚିତ ହୋଇପାରିବା ସହ ଗ୍ରୀଷ୍ମ ଋତୁରେ ୩୪ଟି ଗାଁର ପାନୀୟଜଳ ସଂକଟ ଦୂର ହୋଇପାରିବ ବୋଲି ଅବଗତ କରିଥିବା ସୂଚନା ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ସକାରାତ୍ମକ ପଦକ୍ଷେପ ନେବେ ବୋଲି କହିଥିବା ସାମ୍ବାଦିକ ସମ୍ମିଳନୀରେ ନରସିଂହ ମିଶ୍ର ସୂଚନା ଦେଇଛନ୍ତି।

▸▸ ପ୍ରତିଶ୍ରୁତି ମିଛ ପ୍ରମାଣିତ ନ ହେଉ
▸▸ କଂଗ୍ରେସ କର୍ମୀଙ୍କୁ ଗିରଫ ଅଗଣତାନ୍ତ୍ରିକ
▸▸ ସରକାର ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି
▸▸ ବାରମ୍ବାର ଠକିଲେ ଲୋକେ କ୍ଷମା କରିବେନି
▸▸ ରାଜ୍ୟ ସରକାର କେବଳ ଧୂଆଁବାଣ କରୁଛନ୍ତି
▸▸ କୌଣସି ସମସ୍ୟା ସମାଧାନରେ ବିଫଳ

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ**

# ସୋନଗଡ଼ ନଦୀରେ ବ୍ୟାରେଜ ସହ ବିଭିନ୍ନ ପ୍ରକଳ୍ପ ନେଇ ଦାବିପତ୍ର ପ୍ରଦାନ

ଦେଓଗାଁ,୨୫।୪(ସମିସ): ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ବଲାଙ୍ଗିର ଗସ୍ତରେ ଆସିଥିବା ଥିବା ବେଳେ ଶନିବାର ସକାଳୁ ବିଜେଡିର ଏକ ପ୍ରତିନିଧି ଦଳ ତାଙ୍କୁ ଭେଟିଛି। ବଲାଙ୍ଗିରର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ସର୍କିଟ ହାଉସକୁ ବିଜେଡିର ବରିଷ୍ଠ ନେତା ଲକ୍ଷ୍ମଣ ମେହେରଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ ନିକଟରେ ବୈଷୟିକ ପରାମର୍ଶଦାତା କମିଟିର ଅନୁମୋଦନ ଲାଭ କରିଥିବା ସୋନଗଡ଼ ନଦୀରେ ସିକୁଆଁ-ସିଲେଟକାନୀର ୧୨୪ କୋଟି ଟଙ୍କାର ପ୍ରକଳ୍ପକୁ ତୁରନ୍ତ କରାଯିବା ପାଇଁ ଦାବି କରିଛନ୍ତି। ଏହି ପ୍ରକଳ୍ପ ଯୋଗୁଁ ଦେଓଗାଁ ବ୍ଲକର ୧୬ ଖଣ୍ଡ ଗ୍ରାମର ଜମିକୁ ଜଳସେଚିତ କରାଯିବ। ୨୮ଟି ପାନୀୟଜଳ ପ୍ରକଳ୍ପ ଉପକୃତ ହେବ। ଦେଓଗାଁ, ଜରାସିଂହା ଓ ବ୍ରାହ୍ମଣୀପଲାରେ ବ୍ୟାରେଜ କରାଯିବାକୁ ମଧ୍ୟ ଦାବି କରାଯାଇଛି। ଠିକ ସେହିପରି ବଲାଙ୍ଗିର ସହରର ଜଳ ପରିଚାଳନା ପାଇଁ ଡ୍ରେନେଜ ବ୍ୟବସ୍ଥା ପାଇଁ ୧ହଜାର କୋଟି ଟଙ୍କା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ଅତିରିକ୍ତ ୧୦୦ଏକର ଜମି ଯୋଗାଇବା ସହ ଭିତ୍ତିଭୂମି ପାଇଁ ୧୫୦ କୋଟି ଟଙ୍କାର ଅନୁଦାନ ଦେବା, ଆବଶ୍ୟକ ପ୍ରଫେସର ପଦବୀ ପୂରଣ କରିବା, ସରକାରୀ ମହିଳା ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ କରିବା, ଭୀମଭୋଇ ମେଡିକାଲ କଲେଜରେ ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ କରିବା, ବଲାଙ୍ଗିରରେ ସେଣ୍ଟ୍ରାଲ ଲାଇବ୍ରେରୀ ସ୍ଥାପନ କରିବା, ବଲାଙ୍ଗିର ସଦର ବ୍ଲକ ଓ ଦେଓଗାଁ ବ୍ଲକ ଅଞ୍ଚଳରେ ଚାଷିଙ୍କ ସୁବିଧା ପାଇଁ ଶୀତଳଭଣ୍ଡାର ନିର୍ମାଣ କରିବା ଓ ତୁଷୁରା ଏୟାରଷ୍ଟ୍ରିପକୁ ଅଧିକ ଅନୁଦାନ ଦେଇ ପାଇଲଟ ଟ୍ରେନିଂ କେନ୍ଦ୍ର ସ୍ଥାପନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ପ୍ରତିନିଧି ଦଳରେ ସୁଶୀଳ ଚାନ୍ଦ, ଦେଓଗାଁ ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ, ବଲାଙ୍ଗିର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋଲାପ ବାଗ, ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ, ଲେଙ୍କା ସାହୁ, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତୀ ବାଗ, କାଉନସିଲର ଶମ୍ଭୁ ନାଗ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ବଲାଙ୍ଗିର ନାଗରିକ କମିଟି

ବଲାଙ୍ଗିର,୨୫।୪(ସମିସ):ବଲାଙ୍ଗିର ସର୍କିଟ ହାଉସ୍‌ରେ ବଲାଙ୍ଗିର ନାଗରିକ କମିଟିଏର ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ବଲାଙ୍ଗିରର ସର୍ବାଙ୍ଗିନ ଉନ୍ନତି ପାଇଁ ଏମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆୟୁର୍ବେଦ କଲେଜକୁ ଆୟୁଷ ବିଶ୍ୱବିଦ୍ୟାଳୟରେ ପରିଣତ, ହୋମିଓପାଥି କଲେଜ ଖୋଲିବା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ମହିଳା କଲେଜ ସହ ସମସ୍ତ ସ୍କୁଲ କଲେଜରେ ଖାଲିଥିବା ଶିକ୍ଷକ ପଦ ପୂରଣ, ଭୀମ ଭୋଇ ମେଡିକାଲ କଲେଜର ସବୁ ବିଭାଗର ସ୍ନାତକୋତ୍ତର କ୍ଲାସ ଖୋଲି ପ୍ରଫେସର ନିଯୁକ୍ତି କରିବା, ହୃଦ୍‌ରୋଗ ଓ ମଧୁମେହ ବିଶେଷଜ୍ଞ ନିଯୁକ୍ତି, ଲୋୟର ସୁକତେଲ ପ୍ରକଳ୍ପରୁ ଚାଷ ଜମିକୁ ଜଳ ଯୋଗାଣ ଆଦି ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିଭଳି ଭୁବନେଶ୍ୱରକୁ ସକାଳୁଆ ଟ୍ରେନ ଚଳାଚଳ ଏବଂ ବଲାଙ୍ଗିରରୁ ସିଧା ସଳଖ ପ୍ରୟାଗରାଜ ଓ ଦିଲ୍ଲୀକୁ ଟ୍ରେନ ସୁବିଧା ସହ ଖୋର୍ଦ୍ଧା ରେଳପଥକୁ ସଂପୂର୍ଣ୍ଣ କରିବା ପାଇଁ ଅନୁରୋଧ କରାଯାଇଛି। ତୁଷରା ଏୟାରଷ୍ଟ୍ରିପର ଉନ୍ନତି ସହ ରାଜଧାନୀକୁ ଉଡାଣ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି। ସଦସ୍ୟ ପ୍ରଫେସର ତରୁଣ ମିଶ୍ର ବଲାଙ୍ଗିରର ରେଳ ଷ୍ଟେସନ୍‌ରେ ପିଟ୍ ଲାଇନ୍‌ର ଆବଶ୍ୟକତା ଉପରେ ମତ ଦେଇଥିଲେ; ଏହା ହେଲେ ବଲାଙ୍ଗିରରୁ ନୂତନ ଟ୍ରେନ ଚଳାଚଳରେ ବହୁତ ସୁବିଧା ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଦାବିପତ୍ର ଗ୍ରହଣ କରି ମୁଖ୍ୟମନ୍ତ୍ରୀ ପର୍ଯ୍ୟାୟ କ୍ରମେ ବଲାଙ୍ଗିରର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି କହିଥିଲେ। ସଭାପତି ଶ୍ରୀକର ମିଶ୍ରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

● ଧାମନଡ଼ଙ୍ଗାରେ ମାଟି ଚୋରା ଚାଲାଣ

# କାର୍ଯ୍ୟାନୁଷ୍ଠାନ ନେଉନି ପ୍ରଶାସନ



କଣ୍ଟାବାଞ୍ଜି,୨୫।୪(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ତହସିଲ ଅଧୀନ ଧାମନଡଙ୍ଗାରେ ମାଡ଼ିଆ ସରକାରୀ ଜମିରୁ ମାଟି ଚୋରି କରି ବିକ୍ରି କରୁ ଦେଉଛନ୍ତି। ଏହା ଦ୍ୱାରା ସେହି ସ୍ଥାନକୁ ଜମିରେ ପରିଣତ କରିବାକୁ ମାଫିଆଙ୍କୁ ସହଜ ହେଉଛି। ପଞ୍ଚାୟତର ଅନେକ ସ୍ଥାନରେ ମାଫିଆ ସରକାରୀ ଜମି ଓ ରୟତି ଜମିରୁ ମାଟି ଉଠାଇ ନେଇ ବିକ୍ରି କରୁଛନ୍ତି। ହାଇୱା ଓ ଜେସିବି ସାହାଯ୍ୟରେ ହଜାର ହଜାର ଟ୍ରିପ ମାଟି ଚୋରି ହେଉଛି। କଣ୍ଟାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲକୋ ଏହାକୁ ନେଇ ସ୍ଥାନୀୟ ଆରଆଇ ପରମେଶ୍ୱର ପୁଟେଲଙ୍କୁ ଏକ ରିପୋର୍ଟ ମାଗିଛନ୍ତି। କିଏ ଏହି ସବୁ କାର୍ଯ୍ୟ କରୁଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ କହିଛନ୍ତି। ତେବେ ଆରଆଇଙ୍କ କହିବା ହେଲା ଘଟଣାସ୍ଥଳକୁ ଯାଇ କ'ଣ ହେଉଛି ତାହାର ତଦନ୍ତ କରି ଏକ ରିପୋର୍ଟ ପ୍ରସ୍ତୁତ କରି ତହସିଲଦାରଙ୍କୁ ଦିଆଯିବ। ଅନ୍ୟପକ୍ଷରେ ଏସବୁ ଯାଞ୍ଚ ଓ ଜରିମାନା କରିବା ଦାୟିତ୍ୱ ଖଣି ବିଭାଗ ନେଇଛି। ସେମାନେ ଶୋଇ ପଡିଥିବା ଆରଆଇ କହିଛନ୍ତି। ତେବେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନା ଦିନ ଗଡ଼ାଇବ ତାହା ସନ୍ଦେହରେ। ଅନ୍ୟପକ୍ଷେ ଜମି ମାଫିଆମାନେ ସ୍ଥାନୀୟ ଅଧିକାରୀଙ୍କୁ ମଧ୍ୟ ହାତରେ ରଖି ଏହି କାର୍ଯ୍ୟ କରୁଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।

■ ଦାବ୍ରିରୁ ବେହେରେନସିଲେଟ ନାଏକପଡ଼ା ରାସ୍ତା

# ମାଟି ମୁଠେ ପଡ଼ିନି; ୮ ଲକ୍ଷ ଟଙ୍କା ବିଲ୍

କଣ୍ଟାବାଞ୍ଜି,୨୫।୪(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ବିକାଶ ପଥରେ ଆଗେଇ ଯିବାକୁ ରାଜ୍ୟ ରାଜକୋଷକୁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଆସଛି। ଏବେ ସେହି ଅନୁଦାନରେ ବ୍ୟାପକ ଦୁର୍ନୀତି ହୋଇଥିବା ସାଂଘାତିକ ଅଭିଯୋଗ ହେଉଛି। ହିଆଁଳ ପଞ୍ଚାୟତର ଦାବ୍ରି ଗାଁଠାରୁ ଚଟୁଅନକା ପଞ୍ଚାୟତର ବେହେରେନସିଲେଟ ନାଏକପଡ଼ା ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ରାଜକୋଷରୁ ୮ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏହି ରାସ୍ତାରେ ମାଟି ମୁଠେ ମଧ୍ୟ ପଡ଼ିନାହିଁ; ହେଲେ ୮ ଲକ୍ଷ ଟଙ୍କାର କାମ ହୋଇଥିବା ଦର୍ଶୀ ତୁରେକେଲା ବ୍ଲକ୍ ପ୍ରଶାସନ ପକ୍ଷରୁ ବିଲ୍ ମଧ୍ୟ ମଞ୍ଜୁର ହୋଇଛି। ଦାୟିତ୍ୱରେ ଥିବା ଅଧିକାରୀମାନେ ସରକାରଙ୍କ ଆଖିରେ ଧୂଳି ଦେଇ ଏଭଳି ନିୟମ ଉଲ୍ଲଂଘନ କରିଛନ୍ତି। ଖାଲଖମାରେ ଭର୍ତ୍ତି ଏହି ରାସ୍ତା କାମ କରିବା ପାଇଁ ଅନେକ ଥର ଗାଁ ଲୋକେ ଦାବି କରିଛନ୍ତି। ଯେତେବେଳେ ଅନୁଦାନ ଆସିଲା ତାହା ହଡ଼ପ କରାଯାଇଛି ବୋଲି ବେହେରେନସିଲେଟ ଆମ୍ବେଦକର ଯୁବକ ସଂଘ ଅଭିଯୋଗ ଆଣିଛି। ଅନ୍ୟପକ୍ଷେ ଏହାର ତଦନ୍ତ କରି ଦୁର୍ନୀତିରେ ଲିପ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା ଅନୁଷ୍ଠାନ ଗ୍ରହଣ କରିବାକୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଜନତା କଂଗ୍ରେସ ଦଳର ଯୁବନେତା ଅରୁଣ ତାଣ୍ଡି ଦାବି କରିଛନ୍ତି।



■ ସରକାର ଆଖିରେ ଧୂଳି ଦେଲେ ସରକାରୀ କର୍ମଚାରୀ
■ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

# ସମସ୍ୟା ବୁଝିଲେ ବିଦ୍ୟୁତ୍ ବିଭାଗ ଅଧିକାରୀ

■ ଗୁରୁତର ରୋଗୀ ଅକ୍ସିଜେନ ନେବାକୁ ଡିଜି ବ୍ୟବସ୍ଥା କରାଇଲେ



ମୁରିବାହାଲ,୨୫।୪(ସମିସ): ମୁରିବାହାଲ ବିଦ୍ୟୁତ୍ ବିଭାଗର ସେକ୍ସନ ଅଫିସର ମହମ୍ମଦ ଜୁନେଦ ଜଣେ ଉପଭୋକ୍ତାଙ୍କ ସମସ୍ୟା ବୁଝିଛନ୍ତି। କେବଳ ସମସ୍ୟା ବୁଝି ନାହାନ୍ତି ବରଂ ତୁରନ୍ତ ସମାଧାନ ମଧ୍ୟ କରିଛନ୍ତି। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ବଡ଼ସାଇମରା ପଞ୍ଚାୟତ ଅଞ୍ଚଳରେ ହାତୀ ଚଳପ୍ରଚଳ ହେତୁ ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ୍ ବିଭାଗ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ କରଦେଇଥିଲା। ତେବେ ଚାନୁଡୁମାଲ ଗ୍ରାମର ବ୍ରଜ ମୋହନ ପୁଟେଲ ଗୁରୁତର ଥିବାରୁ ତାଙ୍କୁ ଅକ୍ସିଜେନ ଦେବା ନିହାତି ଜରୁରୀ ଥିଲା। ଦୀର୍ଘ ସମୟ ବିଦ୍ୟୁତ୍ ନ ଥିବାରୁ ପରିବାର ଲୋକ ଶ୍ରୀ ଜୁନେଦଙ୍କୁ ଫୋନ୍ ଯୋଗେ ବିଦ୍ୟୁତ ଦେବା ନିହାତି ଜରୁରୀ ବୋଲି କହିଥିଲେ। ଯଦି ବିଦ୍ୟୁତ୍ ନ ଦିଆଯାଏ ତାହା ହେଲେ ଅକ୍ସିଜେନ ଦିଆଯାଇପାରିବ ନାହିଁ। ରୋଗୀ ଅତି ଗୁରୁତର ଥିବା ଜଣାଇଥିଲେ। ଶ୍ରୀ ଜୁନେଦ ଫୋନ୍ କଲ୍ ପାଇଲା ପରେ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ଅନ୍ୟ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। କର୍ମଚାରୀଙ୍କ ସହ ଗାଁରେ ପହଞ୍ଚି ସମ୍ପୃକ୍ତ ଘରେ ଡିଜି ଲଗାଇ ବଦ୍ୟୁତ୍ ବ୍ୟବସ୍ଥା କରିଥିଲେ। ଗୁରୁତର ଥିବା ବ୍ରଜଙ୍କୁ ରାତି ୧୧ଟାରେ ଅକ୍ସିଜେନ ଲଗାଯାଇଥିଲା। ଏହାପରେ ବ୍ରଜ ସୁସ୍ଥ ଅନୁଭବ କରିଥିଲେ। ଏସଡିଓ ସଞ୍ଜୟ ତୀର୍କୀ, ଚାର୍ଜମ୍ୟାନ୍ ଅଜିତ୍ ତରିଆ ପ୍ରମୁଖ ସହଯୋଗ କରିଥିଲେ।

# ନୃସିଂହ ଚତୁର୍ଦ୍ଦଶୀ ବୈଶାଖି ମେଳା ତଥା ହରିଶଙ୍କର ମହୋତ୍ସବ ପାଇଁ ଚୂଡାନ୍ତ ପ୍ରସ୍ତୁତି

ଖପ୍ରାଖୋଲ,୨୫।୪(ସମିସ): ୨୭ ତାରିଖରୁ ମେ ୧ ତାରିଖ ନୃସିଂହ ଚତୁର୍ଦ୍ଦଶୀ ବୈଶାଖି ମେଳା ତଥା ହରିଶଙ୍କର ମହୋତ୍ସବ ଅନୁଷ୍ଠିତ ହେବ। ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକସ୍ଥ ହରିଶଙ୍କର ପର୍ଯଟନ ବିଭାଗ ଅଭ୍ୟର୍ଥନା କେନ୍ଦ୍ର ସଭା ଗୃହଠାରେ ଦେବୋତ୍ତର ବିଭାଗ ତଥା ପ୍ରସାଶନ ତରଫରୁ ଏଥିପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ଦେବୋତ୍ତର ପରିଚାଳନା କମିଟି, ସବ୍ କମିଟି ସଦସ୍ୟ ଉପସ୍ଥିତ ଥିଲେ। ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିମଳ, ସ୍ୱଚ୍ଛତା, ପୂଜାନୀତି, ପ୍ରଜ୍ଞାପନ ମେଢ, ପ୍ରଦର୍ଶନୀ, ହୋମଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ, ପାହାଡ ଉପରେ ପାନୀୟ ଜଳ ଯୋଗାଣ, ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ଟ୍ରାଫିକ ନିୟନ୍ତ୍ରଣ, ଅତିଥି ଓ ସାଂସ୍କୃତିକ ଦଳଙ୍କୁ ଅଭ୍ୟର୍ଥନା ଉପରେ ଆଲୋଚନା ହୋଇଥିଲା। ଏହା ସହ ପାନୀୟ ଜଳ ଯୋଗାଣ ଓ ଟ୍ରାଫିକ ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯାଇଛି। ବୈଠକ ପାଟଣାଗଡ଼ ଉପ ଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁନିଲ ମେହେର ଅଧ୍ୟକ୍ଷତା କରିଥିଲେ। ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆନନ୍ଦ ଚନ୍ଦ୍ର ପଣ୍ଡା, ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ବେଲପଡା, ପାଟଣାଗଡ଼ର ତହସିଲଦାର, ଅତିରିକ୍ତ ତହସିଲଦାର, ଦେବୋତ୍ତର କମିଟି ସଦସ୍ୟ ସନ୍ତୋଷ ମେହେର, ଅଭୟ ତ୍ରିପାଠୀ, ଶଶି ପୁଝାରୀ, ରୋହିତ ମେହେର, ସବ୍ କମିଟି ସଭାପତି ବିପ୍ର ବିଶି, ଟିକେଶ୍ୱର ଧରୁଆ, କ୍ଷମା ଭୋଇ, ସୁଶୀଳ ଗୁରୁ, ଶତ୍ରୁଘ୍ନ ନାଏକ, ପ୍ରହ୍ଲାଦ ଚାନ୍ଦ, ପଞ୍ଚମ ସାହୁ, ଇନ୍ଦ୍ର ସାହୁ, ଜ୍ୟୋତି ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପକ୍ଷୀଙ୍କ ପାଇଁ ଗଛରେ ଝୁଲାଇଲେ ପାଣିପାତ୍ର







ବଲାଙ୍ଗିର,୨୫।୪(ସମିସ)

ବଲାଙ୍ଗିର ଉତ୍ତପ୍ତ ଜିଲ୍ଲା ଭାବେ ଓଡ଼ିଶାରେ ବେଶ୍ ପରିଚିତ। ଏଠାରେ ତାପମାତ୍ରା ୪୪ ଡିଗ୍ରୀରୁ ଉର୍ଦ୍ଧ୍ୱ। ସହରରେ ଗୁଳୁଗୁଳି ସହ ତାତି ଏବଂ ବିଜୁଳି କାଟ୍ ଲୋକଙ୍କୁ ଅଣନିଃଶ୍ୱାସୀ କରୁଛି। ଅନ୍ୟପକ୍ଷେ ବଲାଙ୍ଗିର ସହରରେ ଦିନକୁ ଦିନ ଜଙ୍ଗଲରେ ମହୁଲ ଫୁଲ ସଂଗ୍ରହ କରିବାକୁ କିଛି ଲୋକ ଗଛ .ରିପଟେ ନିଆଁ ଲଗାଇ ଦେଉଛନ୍ତି। ତାହା ସାରା ଜଙ୍ଗଲକୁ ବ୍ୟାପି ଯାଉଛି। ୨/୩ ତିନି ଦିନ ହେବ ମଠଖାଇ ଜଙ୍ଗଲରେ ଲାଗିଛି ନିଆଁ। ୨ ଦିନ ତଳେ କଦଳୀମୁଣ୍ଡା ପାଣ୍ଡର୍ ମଣ୍ଡା ଜଙ୍ଗଲ ନିଆଁ ଲାଗିଛି। ଏଣୁ ପକ୍ଷୀ ପାଣି ପାଇଁ ଆଉଟୁ ପାଉଟୁ ହେଉଛନ୍ତି। ଏବେ ପକ୍ଷୀଙ୍କ ପାଇଁ ବଲାଙ୍ଗିର ସହରର କିଛି ଯୁବକ ଏବେ ଚିନ୍ତା କରିଛନ୍ତି। ସେମାନଙ୍କ ଲାଗି ପାଣି ବ୍ୟବସ୍ଥା କରିଛନ୍ତି। ସେମାନେ ଅଦରକାରୀ ନଡିଆ କାଞ୍ଛି ଓ ମାଟିରେ ତିଆରି ପାତ୍ରକୁ ନେଇ ଗଛରେ ଟାଙ୍ଗିଛନ୍ତି। ବିଜାଖମନ ପାଣ୍ଡର୍ ଜଙ୍ଗଲ ଓ ବଣ୍ଡା ଜଙ୍ଗଲରେ ଏହିଭଳି ଶହେଟି ମାଟିପାତ୍ର ସମେତ ନଡିଆ କାଞ୍ଛିକୁ ଗଛ ଡାଳରେ ଝୁଲାଇଛନ୍ତି। ଏଥିରେ ପାଣି ରଖାଯାଇଛି। ଏହାଫଳରେ ଗଛ ବା ଜଙ୍ଗଲରେ ରହୁଥିବା ପକ୍ଷୀ, ଗୁଣ୍ଡୁଚିମୂଷା ଇତ୍ୟାଦି ସହଜେ ପାଣି ମୁନ୍ଦେ ପାଇ ପାରିବେ। ପ୍ରଶାନ୍ତ ମହାକୁର, ଶମ୍ଭୁ ପ୍ରସାଦ ଶତପଥି, ରିଣ୍ଟୁ ସାହୁ, ସଂଜିବ ସାମଲ, ସଚିଦାନନ୍ଦ ନାଏକ ପ୍ରମୁଖ ପକ୍ଷୀଙ୍କ ପାଇଁ ଏହି ପାଣି ବ୍ୟବସ୍ଥା କରିଛନ୍ତି।

### ଗଣଶିକ୍ଷା ବିଭାଗର ସ୍କୁଲ ପୋଷାକ ବଣ୍ଟନ ଭେଳିକି

# ବାକିରେ ପୋଷାକ ଆଣି ବାଣ୍ଟିଲେ ନିର୍ଦ୍ଦେଶକ

**ଭବାନୀପାଟଣା, ୨୫ ।୪(ସମିସ)**

ଅଡୁଆରେ ପକାଉଛି ରାଜ୍ୟ ଗଣଶିକ୍ଷା ବିଭାଗର ଚିଠି । ଶିକ୍ଷା ମନ୍ତ୍ରୀ ଯାହା ନିର୍ଦ୍ଦେଶ ଦେଉଛନ୍ତି ତାହା ମୁଖ୍ୟମନ୍ତ୍ରୀ ଜାଣିନାହାନ୍ତି । ଏପରିକି ବିଭାଗର ନିର୍ଦ୍ଦେଶକ(ପ୍ରାଥମିକ ଶିକ୍ଷା) ମଧ ଅନ୍ଧାରରେ ଥିବା ଅନୁଭବ ହେଉଛି । ଆସନ୍ତା ଏପ୍ରିଲ ୨୭ତାରିଖ ସୁଦ୍ଧା ସ୍କୁଲ ଗୁଡିକରେ ଶିଶୁ ବାଟିକାରୁ ମାଟ୍ରିକ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ବଣ୍ଟା ଶେଷ କରିବାକୁ ଚିଠି ଆସିଛି । ମୁଖ୍ୟମନ୍ତ୍ରୀ ପ୍ରବଳ ଗ୍ରୀଷ୍ମପ୍ରବାହ କାରଣରୁ ଆସନ୍ତା ୨୭ରୁ ସ୍କୁଲ ଛୁଟି ଘୋଷଣା କରିଛନ୍ତି । ମୂଳ କଥା ହେଲା ୟୁନିଫର୍ମ କ୍ରୟ ପାଇଁ ଟଙ୍କାଟିଏ ଆସିନାହିଁ । ଇତିମଧ୍ୟରେ ଗତ ୩ଦିନ ପୂର୍ବେ କଳାହାଣ୍ଡି ଜିଲ୍ଲାକୁ ବିଭାଗୀୟ ନିର୍ଦ୍ଦେଶକ ଗସ୍ତ କରିଥିଲେ । ନିର୍ଦ୍ଦେଶକ ନିଜର ଇଜ୍ଜତ ସହିତ ବିଭାଗର ମହତ ରଖିବା ପାଇଁ ୟୁନିଫର୍ମ ବଣ୍ଟନ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ ବାଧ କରିଥିଲେ । ଟଙ୍କା ନଥିବା ସତ୍ତ୍ୱେ ଭେଣ୍ଡରଙ୍କ ଠାରୁ ବାକିରେ ୟୁନିଫର୍ମ ଆଣି ଦୁଇଟି ସ୍କୁଲରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୟୁନିଫର୍ମ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଖୋଦ୍ ନିର୍ଦ୍ଦେଶକ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଉପସ୍ଥିତି ଥିଲେ । ଭଲ ଫଟୋ ଉଠାଗଲା । ସେହି ଫଟୋ ଗଣ ଶିକ୍ଷା ବିଭାଗକୁ ପଠାଇ ଦିଆଗଲା । ସରକାରଙ୍କ ଏପରି ବିନା ପଇସାରେ ସନ୍ତୁଷ୍ଟିକରଣ ଯୋଜନା ନୂଆ ଇତିହାସ ସୃଷ୍ଟି କରିଥିବା ସଙ୍ଗେସଙ୍ଗେ ସମାଲୋଚନାର କାରଣ ପାଲଟିଛି । ଭେଣ୍ଡର ଠାରୁ ୟୁନିଫର୍ମ ଧାରରେ ଆଣି ସ୍କୁଲ କର୍ତ୍ତୃପକ୍ଷ ଅଡୁଆରେ ପଡ଼ିଥିବା ବିଷୟ ଠାରୁ ଅଧିକ କଷ୍ଟ ତରବରିଆ ୟୁନିଫର୍ମ ବଣ୍ଟନ ବ୍ୟବସ୍ଥା । ଓସେପା ଗାଇଡଲାଇନ୍ ସବୁ କୁଆଡେ ଗଲା, ନିୟମାବଳୀ ଅନୁଯାୟୀ ୟୁନିଫର୍ମ ବଣ୍ଟନ ପୂର୍ବରୁ ଜିଲ୍ଲାସ୍ତରୀୟ ଯାଞ୍ଚ କେମିତି କେବଳ ପ୍ରହସନ କି ପ୍ରଶ୍ନ କରାଯାଉଛି । ଛୁଟି ପୂର୍ବରୁ ୟୁନିଫର୍ମ ବଣ୍ଟାଯିବ ଆଦୌ ସମ୍ଭବ ନୁହେଁ ।କାରଣ କୌଣସି ସ୍କୁଲରେ ଟଙ୍କା ଆକାଉଣ୍ଟକୁ

**ବିଭାଗୀୟ ଚିଠି କାମରେ ଆସୁନି**




ଆସିନାହିଁ । ବିନା ଟଙ୍କାରେ ସରକାର କି ଖେଳ କରୁଛନ୍ତି ତାହା ସାଧାରଣରେ ଚର୍ଚ୍ଚା ଚାଲିଛି । ୨୦୨୬/୨୭ ଶିକ୍ଷାବର୍ଷ ପାଇଁ ଶିଶୁବାଟିକାରୁ ମାଟ୍ରିକ ପିଲାଙ୍କ ସ୍କୁଲ ୟୁନିଫର୍ମ, ହାଉସ ଡ୍ରେସ୍, ଜୋତା ମୋଜା ଏବଂ ପରିଚୟ ପତ୍ର ଓ ଟୋପି ଯୋଗାଇଦେବା ଲାଗି ସ୍ଥିର ହୋଇଛି । ୟୁନିଫର୍ମ ପ୍ରସ୍ତୁତ କରିବା ଭେଣ୍ଡର କଥା କୁହାଯାଉ କି ଏସଏଚଜି, ଏମଏସଇ/ଏମଏସସି ଇତ୍ୟାଦି ସଂସ୍ଥା ଗୁଡ଼ିକୁ ପରିବର୍ତ୍ତନ କରାଯିବା ନାହିଁବୋଲି ସରକାରଙ୍କ ଶିକ୍ଷା ବିଭାଗ ପ୍ରକାଶ କରିଛନ୍ତି । ୟୁନିଫର୍ମର ମାନ ଯାଞ୍ଚ ପାଇଁ ସ୍ଥଳ ବିଶେଷରେ ଯେଉଁ କମିଟି ରହିଛି ସେମାନେ ସ୍ୱଳ୍ପ ସମୟ ଭିତରେ କେଉଁପରିସ୍ଥିତିରେ ଯାଞ୍ଚ କରିବେ ଗଣଶିକ୍ଷା ବିଭାଗ ବୁଝିବା ଦରକାର । କେବଳ ଚିଠି କରିଦେଇ ବାକିରେ ୟୁନିଫର୍ମ ଆଣି ୟୁନିଫର୍ମ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ଦର୍ଶାଇବା ଏକ ଲଜ୍ଜାକର ସ୍ଥିତିକୁ ଆମନ୍ତ୍ରଣ କରୁଥିବା କୁହାଯାଉଛି । ଏଠାରେ ସୂଚନାଯୋଗ୍ୟ ଯେ ଗତ ଶିକ୍ଷା ବର୍ଷର ୟୁନିଫର୍ମ ୨୦୨୬ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବଣ୍ଟା ଶେଷ ହୋଇନଥିଲା । ଶିଶୁ ବାଟିକାର ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ପାଇଁ ଆବଶ୍ୟକ ଟଙ୍କାରୁ କମ ଟଙ୍କା ଦିଆଯାଇଛି ଯେ ସେ ଗଣିତ ଏବେ ମଧ ଅଛିଣ୍ଡା ହୋଇରହିଛି । ଗତ ଶିକ୍ଷା ବର୍ଷରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକର କେତେକ ସ୍କୁଲରେ ନିମ୍ନମାନର ୟୁନିଫର୍ମ ଓ ଅନ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥିବା ଅଭିଯୋଗ ହେଇଥିଲା । ବାସ୍ତବିକ୍ ଯାଞ୍ଚ କମିଟି କେବଳ ନାମକୁ ମାତ୍ର । ୟୁନିଫର୍ମ କିଣା ବିକାରେ ଯେଉଁ ଅସାଧୁ ବେପାରୀମାନେ ସମ୍ପୃକ୍ତ ସେମାନଙ୍କୁ ଯଦି ପୁନର୍ବାର କାର୍ଯ୍ୟାଦେଶ ମିଳେ ତେବେ ଉନ୍ନତ ୟୁନିଫର୍ମ ମିଳିବା ସ୍ୱପ୍ନ ହୋଇଯିବ । ଯେଉଁ ଏସଏଚଜି ମହିଳା ଗୋଷ୍ଠୀଙ୍କୁ ଦାୟିତ୍ୱରେ ରହିଛନ୍ତି ସେମାନଙ୍କ ମଧ୍ୟରୁ ନିଜ ସିଲେଇ ୟୁନିଟ୍ ନାହିଁ । ବର୍ଷ ବର୍ଷ ଧରି ଯେଉଁ ଭେଣ୍ଡର ମାନେ ବ୍ୟବସାୟ ଚଳାଇ ଆସୁଛନ୍ତି ସେମାନେ ହିଁ ଲାଭବାନ ହେଉଛନ୍ତି । କାରଣ ଏସଏଚ୍‌ଜିଙ୍କୁ କାର୍ଯ୍ୟାଦେଶ ମିଳିବା ସତ୍ତ୍ୱେ ସେମାନେ ଶେଷରେ ଭେଣ୍ଡରଙ୍କ ଦ୍ୱାରସ୍ଥ ହୋଇ ୟୁନିଫର୍ମ ନେଉଛନ୍ତି । ଯାହାହେଉ ରାଜ୍ୟ ଶିକ୍ଷା ବିଭାଗର ଚିଠି ଯାହା କରାଯାଉଛି ତାହାକୁ ରୂପାୟନ କରିବାର ବାସ୍ତବ ସ୍ଥିତି ପୁରା ଭିନ୍ନ । ଚିଠି ହୋଇଥିଲା ପ୍ରବଳ ଗ୍ରୀଷ୍ମ ପ୍ରବାହ କାରଣରୁ ପ୍ରତି ସ୍କୁଲରେ ଥଣ୍ଡା ପାନୀୟ ଜଳ ଏବଂ ଓଆରଏସ ସରକାର ଯୋଗାଇବେ ଏଯାବତ୍ ହୋଇପାରିନାହିଁ । ଗତ ୧୫ତାରିଖ ସୁଦ୍ଧା ଛାତ୍ର ଛାତ୍ରୀ ପାଠ୍ୟବହି ପାଇବା କଥା । ଏଯାଏଁ ସବୁ ସ୍କୁଲରେ ସବୁ ବହି ମିଳିନାହିଁ । ନିର୍ଦ୍ଦିଷ୍ଟ ବିଷୟର ଫାଳେ ମିଳିଲେ ଅନ୍ୟ ବହି ପାଇଁ ଅପେକ୍ଷା କରିବାକୁ ପଡୁଛି । ବହି ବଣ୍ଟା ସରିନି । ବହି ବାଣ୍ଟିବା ଦାୟିତ୍ୱରେ ଥିବା କର୍ମଚାରୀ ଦାୟିତ୍ୱ ମୁକ୍ତ ହେବାକୁ କିଏ କେଉଁ ପ୍ରକାର ନୀତି ଆପଣାଇ ଚୁପ୍ ରହିଛନ୍ତି । କିନ୍ତୁ ବିଭାଗୀୟ ଚିଠିରେ କଡା କଡ଼ି ନିୟମ ରହିଛି । ୟୁନିଫର୍ମ ଠାରୁ ଆରମ୍ଭ କରି ବହି ବଣ୍ଟନ ଯେମିତି ଦାୟିତ୍ୱହୀନତାର ଚରମସୀମାରେ ଲଂଘିଛି ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି ।

### ପିଏମ୍‌ଶ୍ରୀ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ସରିଛି; ଟଙ୍କା ନାହିଁ

# ଟ୍ରେଜେରୀରେ ବିଲ୍ ପାସ୍ ପରେ ଭେଣ୍ଡରଙ୍କୁ ମିଳୁନି ଟଙ୍କା

**ଭବାନୀପାଟଣା, ୨୫ ।୪(ସମିସ):** ଆଜିର ଶାସନ ବ୍ୟବସ୍ଥାରେ ଶିକ୍ଷାର ଗଭୀର ଅର୍ଥକୁ ନେଇ ନାନା ପ୍ରଶ୍ନ ଉଠୁଛି । ବିଦ୍ୟାଳୟ ଶିକ୍ଷା ଦ୍ୱାରା ଶିକ୍ଷକ କେଉଁ ପ୍ରକାର ମଣିଷ ଗଢିବାର ସ୍ୱପ୍ନ ଦେଖିବ ତାହା ହିଁ ବଡ ଆହ୍ୱାନ । ବିଦ୍ୟାଳୟ ଶିକ୍ଷା ଛାତ୍ରଙ୍କ ମଧ୍ୟରେ ସୃଜନଶୀଳତାର ପରିପ୍ରକାଶ କରିବାରେ ସତରେ ସକ୍ଷମ କି ?ମାର୍ଗହୀନ ଶିକ୍ଷା ବ୍ୟବସ୍ଥାରେ କଳାହାଣ୍ଡି ଜିଲ୍ଲାରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପୋଷାକ ବାବଦରେ ସରକାର କୌଣସି ସ୍କୁଲ ଆକାଉଣ୍ଟକୁ ଟଙ୍କାଟିଏ ଦେଇନାହାନ୍ତି । ସେହିଭଳି ବର୍ତ୍ତମାନ ଜିଲ୍ଲାରେ ଥିବା ୩୨ଟି ପ୍ରାଇମ୍ ମିନିଷ୍ଟର ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ (ପିଏମ୍‌ଶ୍ରୀ) ବିଦ୍ୟାଳୟ ଗୁଡ଼ିକ ହଟହଟାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଇଛି । କେନ୍ଦ୍ରୀୟ ଅନୁଦାନ ଦ୍ୱାରା ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ସୁଚାରୁରୂପେ ବିଦ୍ୟାଳୟରେ ସମ୍ପାଦନ କରାଯାଇଛି । ତେବେ ଅଧା କାର୍ଯ୍ୟକ୍ରମ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ସ୍ଥଳେ ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକ୍ରମରେ ବିନିଯୋଗ ହୋଇଥିବା ଅର୍ଥ ଯୋଗାଇ ଦିଆଯାଇନାହିଁ । ସବୁ ବିଲ୍ ଟ୍ରେଜେରୀରେ ପାସ ହୋଇଛି । କିନ୍ତୁ ସମ୍ପୃକ୍ତ ଭେଣ୍ଡରମାନଙ୍କ ଆକାଉଣ୍ଟରେ ଟଙ୍କା ପଡ଼ିନାହିଁ । ଟ୍ରେଜେରୀରେ ବିଲ୍ ପାସ୍ ହୋଇ ୨୫ଦିନ ବିତିଲାଣି ତଥାପି କାହାର ଚିନ୍ତା ଚେତନା ଜାଗ୍ରତ ହେଉନଥିବା ଜଣାପଡ଼ୁଛି । କଳାହାଣ୍ଡି ଜିଲ୍ଲାରେ ଥିବା ୩୨ଟି ପିଏମ୍‌ଶ୍ରୀ ବିଦ୍ୟାଳୟରେ ୧କୋଟି ୭୨ଲକ୍ଷରୁ ଊର୍ଦ୍ଧ୍ୱ ଲକ୍ଷ ଟଙ୍କାର ବିଲ ଟ୍ରେଜେରୀରେ ପାସ ହୋଇ ପଡ଼ିରହିଛି । ଅର୍ଥାଭାବ କାରଣରୁ ଭିନ୍ନ ଭିନ୍ନ କାର୍ଯ୍ୟରେ ସହଯୋଗ କରିଥିବା ବ୍ୟବସାୟୀ ତଥା ଭେଣ୍ଡରଙ୍କ ବ୍ୟାଙ୍କ୍ ଖାତାରେ ଟଙ୍କା ପଡୁନି । ଅଯଥାରେ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଉତ୍ତରରେ ଟିକେ ଧୈର୍ଯ୍ୟ ଧରିବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି । ଏ ବାବଦରେ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା କେତେକ ପିଏମ୍‌ଶ୍ରୀ ବିଦ୍ୟାଳୟ ଶିକ୍ଷକଙ୍କ ସହ ଯୋଗାଯୋଗ କରିବାପରେ ଅର୍ଥାଭାବ ହିଁ ବିଳମ୍ବର କାରଣବୋଲି ପ୍ରକାଶ କରିଛନ୍ତି । ଶିକ୍ଷା ବିଭାଗର ଟଙ୍କା ଗଲା କୁଆଡେ?ସେ ଉତ୍ତର କାହାପାଖେ ନାହିଁ । ଡବଲ ଇଞ୍ଜିନ ସରକାର ଯୋଜନା ନାଁରେ ଯେଉଁ ବାହାସ୍ଫୋଟ ମାରୁଛନ୍ତି ତାହାର ଅସଲ ଚିତ୍ର ବଖାଣୁଛି ପ୍ରାଇମ ମିନିଷ୍ଟର ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ ।

**ଜିଲ୍ଲାରେ ବକେୟା ରହିଛି ୧କୋଟି ୭୨ଲକ୍ଷ ଟଙ୍କା**

# ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

**ଲାଞ୍ଜିଗଡ଼, ୨୫ ।୪(ସମିସ):** ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ମାମଲାରେ ବିଜେପୁର ଥାନା ଗୋପିଗୁଡା ଗ୍ରାମର କୁମର ନାଏକ(୨୫)କୁ ବିଜେପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାନୁସାରେ ନାବାଳିକା ଜଣକ ନବମ ଶ୍ରେଣୀରେ ପଢୁଥିଲା ବେଳେ ଦୁହିଁଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଗତବର୍ଷ ୧ ଜାନୁୟାରୀ ୨୦୨୫ ନୂଆବର୍ଷ ରାତିରେ କୁମର ନାଏକ ଗାଁକୁ ଆସି ରାତିରେ ଦୁହେଁ ଗାଁ ଛାଡି ବାଙ୍ଗାଲୋର ପଳାଇଥିଲେ । ଝିଅର ବାପା ଘରୁ ପଳାଇଥିବା ଦେଖି ସେ ତାଙ୍କର ସମସ୍ତ ସମ୍ପର୍କୀୟଙ୍କ ସହିତ ଯୋଗାଯୋଗ କରି ବହୁତ ଖୋଜାଖୋଜି କରିବା ପରେ କେଉଁଠି ମଧ ଝିଅକୁ ପାଇଲେ ନାହିଁ । ଶେଷରେ ଝିଅର ବାପା ଜାଣିବାକୁ ପାଇଲା ଯେ ଝିଅ କୁମାର ସାଙ୍ଗରେ ପଳାଇଥିବା ଜାଣିପାରି ୯ ଜାନୁୟାରୀ ୨୦୨୫ ରେ ବିଜେପୁର ଥାନାରେ କୁମର ତାଙ୍କ ଝିଅକୁ ନେଇ ଯାଇଥବା ଲିଖିତ ଅଭିଯୋଗ କରିଥିଲେ । ବିଜେପୁର ପୁଲିସ ନାବାଳିକା ପିତାଙ୍କ ଅଭିଯୋଗ ଆଧାରରେ ବିଜେପୁର ଥାନାରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ । ୨୪ ତାରିଖ ଦିନ କୁମର ଓ ନାବାଳିକା ଉଭୟେ ନିଜଘର ଗୋପିଗୁଡା ଗ୍ରାମକୁ ଆସିଥିଲେ । କୌଣସି ସୂତ୍ରରୁ ଖବର ପାଇ ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନିଙ୍କ ନେତୃତ୍ୱରେ ପୁଲିସ ବଳ ସହିତ ଗୋପିଗୁଡା ଗ୍ରାମକୁ ଯାଇ ଉଭୟଙ୍କୁ ଧରି ଥାନାକୁ ଆଣି ପଚରା ଉଚୁରା କରିଥିଲେ । ତଦନ୍ତ ପରେ ଜଣାପଡ଼ିଲାଯେ ବାହାଘର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିବା ବେଳେ ନାବାଳିକା ଜଣକ ବର୍ତ୍ତମାନ ଗର୍ଭବତୀ ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ଶୁକ୍ରବାର ଲାଞ୍ଜିଗଡ଼ରେ ଅଭିଯୁକ୍ତ କୁମରର ଡାକ୍ତରୀ ପରୀକ୍ଷା କରାଯାଇ ବିଜେପୁର ଥାନାକୁ ନେଇଥିବା ବେଳେ ନାବାଳିକା ପୀଡିତାକୁ ଭବାନୀପାଟଣାରେ ଡାକ୍ତରୀ ପରୀକ୍ଷା କରାଯିବା ପରେ ଏଡିଏସଜେ କମ୍ ପୋକ୍ସୋ କୋର୍ଟ ହାଜର କରାଯାଇଥିଲା ଏବଂ ନାବାଳିକାକୁ ସୁଧାର ଗୃହରେ ଛଡ଼ାଯାଇଥିଲା । ଏ ନେଇ ବିଜେପୁର ଥାନା କେଶ ନଂ-୨/୨୫ ଅନୁଯାୟୀ ଗିରଫ କରି ଶନିବାର ଅଭିଯୁକ୍ତ କୁମରକୁ କୋର୍ଟ ଚାଲାଣ କରାଯାଇଛି ।




# ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଶୋକସଭା

**କୋକସରା, ୨୫ ।୪(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକର ସାମ୍ବାଦିକ ପଣ୍ଡିଗାଁପଞ୍ଚାୟତ ପୋଟେଶଗ୍ରାମର ଶରତ ସୁନାନୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାମ୍ବାଦିକ ସମୂହ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି । ଜୟପାଟଣା ବ୍ଲକ ମୋତେଲଗୁଡା ଠାରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରୁ ସାମ୍ବାଦିକମାନେ ଉପସ୍ଥିତ ରହି ସ୍ୱର୍ଗତ ସୁନାନୀଙ୍କ କାର୍ଯ୍ୟଶୈଳୀ, ନିଷ୍ଠା ଏବଂ ସାମ୍ବାଦିକତା କ୍ଷେତ୍ରରେ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ । ଏହି କ୍ରମରେ ସାମ୍ବାଦିକ, ସହକର୍ମୀ ଓ ଶୁଭେଚ୍ଛୁ ତାଙ୍କ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରି ଶୋକସଭା କରିଥିଲେ । ତାଙ୍କ ଅକାଳ ବିୟୋଗରେ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାମ୍ବାଦିକ ସମୂହଙ୍କ ପକ୍ଷରୁ ଦାବି କରାଯାଇଥିଲା । ଶୋକସଭାରେ ସାମ୍ବାଦିକ ଜଗମୋହନ ପଟ୍ଟନାୟକ, ରଜନୀକାନ୍ତ ଛତ୍ରିଆ, ସୁଶାନ୍ତ ନାଏକ, ବାବୁଲି ଦୁର୍ଗା, ଟିକଚନ ବାଗ, ବେଦବର ଛତ୍ରିଆ, କେଶବ ସୁନାନୀ, ବିଜୟ ପଣ୍ଡା, ହିରଣ୍ୟ ବେହେରା, ଜଗଦୀଶ ନାଏକ, ହର୍ଷ ବର୍ଦ୍ଧନ ପାଣିଗ୍ରାହୀ, ପୃଥିବିରଜ ନିଆଲ, ଅମରେଶ ପାଢ଼ୀ, ରୁଦ୍ରପ୍ରସଡ ମୁଣ୍ଡ, ବାସୁଦେବ ଛତ୍ରିଆ, କୁଞ୍ଜ ବିହାରି ଛତ୍ରିଆ, ଟଙ୍କଧର ବିହାରି, ଗଗନ ଛତ୍ରିଆ ଖିରସିନ୍ଧୁ ଗହିର, ଗଜିନ୍ଦ୍ର ନାଗ, ପରମାନନ୍ଦ ଛତ୍ରିଆ, ଭୋଜରଜ୍ ଛତ୍ରିଆ, ହରିହର ଛତ୍ରିଆ, ପରୀକ୍ଷିତ ତାଣ୍ଡି, ଭବାନୀ ମାନହିର ସମେତ ବହୁ ସାମ୍ବାଦିକ ସାଥୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

# ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନୂଆପଡ଼ା, ୨୫।୪ (ସମିସ):** ନୂଆପଡ଼ା ଜିଲ୍ଲାରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡ଼. ସୁଖେନ୍ଦୁ ରାୟ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, କୃଷି ବିଜ୍ଞାନ କେନ୍ଦ୍ର ନୂଆପଡ଼ାର ପ୍ରମୁଖ ବୈଜ୍ଞାନିକ ଡ଼.ଲବ ସୋରେନ ଏବଂ ଉପ ନିର୍ଦ୍ଦେଶକ ଡ଼.କେ.ପାର୍ଥ ସାରଥୀ ଦୋରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଉଦ୍‌ବୋଧନରେ ସୁସ୍ଥ ସମାଜ ପାଇଁ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଅତ୍ୟାବଶ୍ୟକ ଏବଂ ପ୍ରାଣୀଧନର ଉନ୍ନତି ଦେଶର ଆର୍ଥିକ ଉନ୍ନତିକୁ ଗତି ଦେଇଥାଏ । ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ସୁଖେନ୍ଦୁ ରାୟ ଜିଲ୍ଲାର ପ୍ରାଣୀ ସମ୍ପଦ ବିକାଶ ବିଭାଗର ସଫଳତା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ଅତିଥିମାନେ ଚାଷୀମାନଙ୍କୁ ବୈଜ୍ଞାନିକ ପଦ୍ଧତି ଅନୁସରଣ କରି କୃଷି ଓ ପ୍ରାଣୀ ପାଳନରେ ଆଗେଇବାକୁ ପରାମର୍ଶ ଦେଇଥିଲେ । ପ୍ରାଣୀ ସମ୍ପଦ ବିକାଶ ବିଭାଗ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଶ୍ରମିକମାନେ ସ୍ୱାବଲମ୍ବୀ ହେବାର ନୂତନ ଦିଗ ପାଇଥିବା ଉଲ୍ଲେଖ କରିଥିଲେ । ଏହି ଅବସରରେ ଜିଲ୍ଲାର ୫ ଜଣ ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୋପାଳନ କ୍ଷେତ୍ରରେ ରତ୍ନାକର ପଟେଲ (ଖଡ଼ିଆ), ବତକ ପାଳନରେ ଦିଲଚନ ନାଏକ (କୋମନା), ଛେଳି ପାଳନରେ ଅକ୍ରୁର ହଂସ (କୋମନା), ଘୁଷୁରୀ ପାଳନରେ ରଥୁରାମ ଦୀପ (ନୂଆପଡ଼ା) ଏବଂ ଘାସ ଚାଷରେ ହିମାଞ୍ଚଳ ଭୋଇ (ଖରିଆର)ଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି, ଶ୍ରେଷ୍ଠ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଭାବେ ଡ଼. ସଂଗ୍ରାମ କେଶରୀ ବେହେରା(ଖଡ଼ିଆଳ), ଶ୍ରେଷ୍ଠ ପ୍ରାଣୀ ଚିକିତ୍ସକ ଭାବେ ଡ଼. ସତ୍ୟବ୍ରତ ପରିଡ଼ା (ନୂଆପଡ଼ା) ଏବଂ ଶ୍ରେଷ୍ଠ ପ୍ରାଣୀଧନ ନିରୀକ୍ଷକ ଭାବେ ବିମଳ କିଶୋର କୁମ୍ଭାର (ନିଲଜୀ, ସିନାପାଲି)ଙ୍କୁ ସମ୍ମାନିତ କରାଯାଇଥିଲା । ସଭାରେ ଡ଼. କିଶୋର କୁମାର ସାହୁ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଡ଼.ସିଙ୍ଘୋନି ମହାନ୍ତି ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ଉତ୍ପାଦନ ଏବଂ ଡ଼. ଶମ୍ଭୁ ପ୍ରସାଦ ସାହୁ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ରୋଗ ନିୟନ୍ତ୍ରଣ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ଡ଼. ସସ୍ମିତା ବିଶ୍ୱାଳ ସଭା ପରିଚାଳନା କରିଥିଲେ ଏବଂ ଶେଷରେ ଡ଼. ସିଙ୍ଘୋନି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।




# ମମତାରାଣୀ ଧର୍ମଗଡ଼ ବ୍ଲକ୍ ବିଜେଡି ସଭାନେତ୍ରୀ

**ଧର୍ମଗଡ଼, ୨୫ ।୪(ସମିସ):** ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣାରେ, ତେଣ୍ଡାପିଲା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ଶ୍ରୀମତୀ ମମତାରାଣୀ ଗୋପାଳଙ୍କୁ ଧର୍ମଗଡ଼ ବ୍ଲକର ବିଜେଡି ସଭାନେତ୍ରୀ ଭାବରେ ମନୋନୀତ କରାଯାଇଛି । ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ, ବିଜୁ ମହିଳା ଜନତା ଦଳର ସଭାପତି ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଆଜି ତାଙ୍କ ନାମ ଘୋଷଣା କରିଛନ୍ତି । ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ, ଶ୍ରୀମତୀ ଗୋପାଳ ଦଳର ସଭାପତି ନବୀନ ପଟ୍ଟନାୟକ, ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆ, ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ, ପୂର୍ବତନ ଜିଲ୍ଲା ସଭାପତି ତଥା ପୂର୍ବତନ ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂ ଦେଓ, ଏବଂ ବ୍ଲକ ସଭାପତି ଡାକେଶ୍ୱର ଲହଜଲଙ୍କୁ ତାଙ୍କର କୃତଜ୍ଞତା ଜଣାଇଛନ୍ତି । ସେ ଦଳକୁ ଆହୁରି ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।



# ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ










**ନୂଆପଡ଼ା, ୨୫ ।୪(ସମିସ)**

ନୂଆପଡ଼ାରେ ଜାତୀୟ ପଞ୍ଚାୟତିରାଜ ଦିବସ ଜିଲ୍ଲାସ୍ତରୀୟ ସମାରୋହ ସ୍ଥାନୀୟ ପୁଲିସ ପଡ଼ିଆରେ ଆୟୋଜିତ ହୋଇଯାଇଛି । ନୂଆପଡ଼ା ବିଧାୟକ ଜୟ ଢ଼ୋଲକିଆ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୁଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ନୂଆପଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ହୋମସିଂ ମାଝୀ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମାଳକର, ଜିଲ୍ଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ଖରିଆରରୋଡ଼ ଏନ୍‌ଏସି ଅଧ୍ୟକ୍ଷା ଡ଼. ସୋନିଆ ଜୈନ, କଳାହାଣ୍ଡି ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ପଞ୍ଚାୟତିରାଜ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ । ଜିଲ୍ଲାପାଳ ନିଜ ସ୍ୱାଗତ ଭାଷଣରେ ପଞ୍ଚାୟତିରାଜ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋକପାତ କରି ଗ୍ରାମୀଣ ଉନ୍ନତିରେ ଏହାର ଭୂମିକା ବିଷୟରେ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ୫ଟି ଶ୍ରେଷ୍ଠ ପଞ୍ଚାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୋଡେନ ବ୍ଲକର କାର୍ଲାକୋଟ, ଖଡ଼ିଆଳ ବ୍ଲକର ଖୁଦପେଜ, ସିନାପାଲି ବ୍ଲକର ଗଣ୍ଡାବାହାଲି, କୋମନା ବ୍ଲକର ରଜନା ଏବଂ ନୂଆପଡ଼ା ବ୍ଲକର କେନ୍ଦୁବାହାରା ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା ।ସେହିପରି ସିନାପାଲି, ବୋଡ଼େନ ଓ ଖଡ଼ିଆଳ ବ୍ଲକକୁ ମନରେଗା ଯୋଜନାରେ ଉତ୍ତମ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ତ୍ୟୋଦୟ ଯୋଜନା ଅଧୀନରେ ୧୦ ହିତାଧୀକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ ୫ ଜଣଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ରାଜ୍ୟ ସ୍ତରୀୟ ସମାରୋହରେ ନୂଆପଡ଼ା ଜିଲ୍ଲାକୁ ମନରେଗା ଯୋଜନାରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଓ ଅଧ୍ୟକ୍ଷା ଡଲି ମାଝୀ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ସ୍ୱଚ୍ଛ ଭାରତ ଅଭିଯାନ ଜିଲ୍ଲା ସଂଯୋଜକ ଅନିଲ କୁମାର ଲେଙ୍କା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଶେଷରେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

**କୋକସରା:** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାର୍ଯ୍ୟାଳୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଂସଦଙ୍କ ପ୍ରତିନିଧି ଭାବେ ଦୁର୍ଗା ପ୍ରସାଦ ପ୍ରଧାନୀ, ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ଭାବେ ତ୍ରିନାଥ ଶବର, ଟେମରା ସରପଞ୍ଚ କ୍ଷୀତିରାମ ପାତ୍ର, ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ବ୍ଲକ ସହକାରୀ ଯନ୍ତ୍ରୀ ଏମ୍‌ଡି ଏହମ୍ମଦ ସରିଫ୍ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ବିଡିଓ ଡ଼.ମାଝୀ ପଞ୍ଚାୟତରାଜ ଦିବସର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ ।ଜିପିଡିଓ ମିଲୁ ପ୍ରଧାନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ଖର୍ସେଲ ପରିଚାଳନା କରିଥିଲେ ।



**ଗୋଲାମୁଣ୍ଡା:** ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ୩୦୧ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ।ଏହି ଯୋଜନା ଅଧୀନରେ ହିତାଧିକାରୀମାନେ ନିଜର ସ୍ୱପ୍ନର ଘର ନିର୍ମାଣ କରିବା ପାଇଁ ଆର୍ଥିକ ସହାୟତା ପାଇବେ ।ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ ପରିବାରମାନଙ୍କୁ ସମ୍ମାନଜନକ ଭାବରେ ବଞ୍ଚିବା ପାଇଁ ଏକ ସୁଯୋଗ ଦେବ ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ମନୋଜ ମେହେର, ଭବସିନ୍ଧୁ ମଙ୍ଗରାଜ, ପ୍ରସନ୍ନ ରାଉତ, ସମିତି ସଭ୍ୟ ଦୈତାରୀ ରାଉତ, ସମିତି ସଭ୍ୟ କିରଣ ସିଂ, ବିଡିଓ ତ୍ରିପୁର ମହାନନ୍ଦ, ଏବିଡିଓ ବିଜୟ କୁମାର ନାୟକ, ସିଡିପିଓ ପଦ୍ମା ମଞ୍ଜରୀ ପ୍ରଧାନ, ବ୍ଲକ କୃଷି ଅଧିକାରୀ ନଉକେଶ୍ୱର ନାଗ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ଦିନେଶ ପାନକା, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ । ଖମାରହଳଦୀ ପିଇଓ ବିଶ୍ୱରଞ୍ଜନ ପଣ୍ଡା ସଭା ପରିଚାଳନା କରିଥିଲେ ।

**ମ.ରାମପୁର:** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଶରତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଜାତୀୟ ପଞ୍ଚାୟତିରାଜ ପାଳନ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ, କଳାହାଣ୍ଡି ସାଂସଦ ପ୍ରତିନିଧି ପଦ୍ମଲୋଚନ ମିଶ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ବଳବିନ୍ଦର ସିଂ ଯାଦବ, ବ୍ଲକ ଉପାଧ୍ୟକ୍ଷ ଶମ୍ଭୁ ଭୂଷଣ ପ୍ରଧାନ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ଅବସରରେ ୨୦ପରିବାରଙ୍କୁ ରାସନକାର୍ଡ, ନରେଗା ଯୋଜନାରେ ସଫଳତା ର ସହିତ କାର୍ଯ୍ୟ କରିଥିବା ଡୁଡୁକାରଞ୍ଜା ପଞ୍ଚାୟତ ପ୍ରଥମ ସ୍ଥାନ ଅଧିକାର କରିଥିଲେ ପିଇଓ ଉଗ୍ରସେନ ଗୌଡ ଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଦ୍ୱିତୀୟ ସ୍ଥାନରେ ଅଲାତରା ପଞ୍ଚାୟତର ସରପଞ୍ଚ ସସ୍ମିତା ନାଗ ସମେତ ପଞ୍ଚାୟତ ପିଇଓକୁ ମଧ ପ୍ରଶଂସା ପତ୍ର ବଣ୍ଟନ କରିଥିଲେ ।ତୃତୀୟ ସ୍ଥାନ ଅଧିକାର ଗୋଛାଡେଙ୍ଗେନ ପଞ୍ଚାୟତ ସମ୍ମାନିତ ହୋଇଥିଲେ । ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ ୨୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଚାରିମାସରେ ଗୃହ ନିର୍ମାଣ କରିଥିବା ୪ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ଚେକ ପ୍ରଦାନ କରିଥିଲେ । ମଞ୍ଚ ପରିଚାଳନା ସାମ୍ବାଦିକ ହେମନ୍ତ ସାହୁ କରିଥିଲେ ।

**ଥୁଆମୂଳରାମପୁର:** ଥୁଆମୂଳରାମପୁର ବ୍ଲକ ପ୍ରାଙ୍ଗଣରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଥିଲା । ଗ୍ରାମୀଣ ଆବାସ ଯୋଜନାରେ ସଫଳତା ପାଇଁ କିଆପଦର ପଞ୍ଚାୟତ ଏବଂ ମନରେଗାର ସଫଳ ପରିଚାଳନା ପାଇଁ ଗୁଣୁପୁର ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ସମ୍ମାନିତ କରାଯାଇଥିଲା । ସେହିପରି ୨୫୦ ହିତାଧିକାରୀଙ୍କୁ ଗୃହ କାର୍ଯ୍ୟାଦେଶ ବଣ୍ଟନ ସହ ପ୍ରଥମ କିସ୍ତି ଭାବେ ୪୦ ହଜାର ଟଙ୍କା ଦିଆଯାଇଥିଲା । କିଛି ହିତାଧିକାରୀଙ୍କୁ ରାସନକାର୍ଡ ଓ ସାମାଜିକ ସୁରକ୍ଷା ଭତ୍ତା ମଧ ବଣ୍ଟନ କରାଯାଇଥିଲା ।କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ, ବିଡ଼ିଓ ଧ୍ରୁବଚରଣ ମୁଦୁଲି, ସିଡ଼ିପିଓ ମଧୁମାଳା ବାଗ, ସହକାରୀ ନିର୍ବାହୀଯନ୍ତ୍ରୀ ସାଲଖୁ ହେମ୍ବ୍ରମ ସହ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା ରାଜେନ୍ଦ୍ର ନାରାୟଣ ଦେବ ଓ ବାଲେଶ୍ୱର ନାଏକ କରିଥିବାବେଳେ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ସହଯୋଗ କରିଥିଲେ ।

